# NATIONAL NEWS BULLETIN (ODIA)

**2 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଶିକ୍ଷା ବ୍ୟକ୍ତିକୁ ଆତ୍ମନିର୍ଭରଶୀ, ସଚେତନ ଏବଂ ସକ୍ଷମ କରିଥାଏ - କହିଲେ ରାଷ୍ଟ୍ରପତି ।

- ସୁପ୍ରିମକୋର୍ଟର ୫ଜଣ ନୂତନ ବିଚାରପତିଙ୍କୁ ଶପଥପାଠ କରାଇଲେ ପ୍ରଧାନ ବିଚାରପତି ।

- ନୂଆଦିଲ୍ଲୀରେ ଦକ୍ଷିଣ ଆଫ୍ରିକାର ଉପରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ସିବିଏସ୍‌ଇ ପକ୍ଷରୁ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ପାଇଁ ଆଜିଠାରୁ ଖୋଲିଲା ନୂତନ ପୋର୍ଟାଲ ।

ଏବଂ

- ମହିଳା କ୍ରିକେଟରେ ଆଜି ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯିବ ଅନ୍ତିମ ଟି-୨୦ ମ୍ୟାଚ୍ ।

---

## ପ୍ରେଜ୍-ଟ୍ରାଇବାଲ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଶିକ୍ଷା ହେଉଛି ସଶକ୍ତିକରଣର ଏକ ଶକ୍ତିଶାଳୀ ମାଧ୍ୟମ । ଏହା ବ୍ୟକ୍ତିକୁ ଆତ୍ମନିର୍ଭରଶୀଳ, ସଚେତନ ଏବଂ

ସକ୍ଷମ ହେବାକୁ ସହାୟ ହୋଇଥାଏ । ଆଜି ନୂଆଦିଲ୍ଲୀଠାରେ ଛାତ୍ରବୃତ୍ତି ଯୋଜନାର ଆଦିବାସୀ ହିତାଧିକାରୀମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ସମାଜର ସମସ୍ତ ବର୍ଗ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପ୍ରଗତି କଲେ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ । ସରକାରୀ ଛାତ୍ରବୃତ୍ତି ଯୋଜନା ଉଚ୍ଚଶିକ୍ଷା ଏବଂ ନୂତନ ସୁଯୋଗ ସୃଷ୍ଟିକରି ଆଦିବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ଭାରତରେ ପ୍ରତିଭାର କୌଣସି ଅଭାବ ନାହିଁ । ଏହାର ବିକାଶ ପାଇଁ ଉପଯୁକ୍ତ ମଞ୍ଚ ଚିହ୍ନଟ, ପୋଷଣ ଏବଂ ପ୍ରଦାନ କରିବାର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ ।

**V/O**

## ଏସ୍‌ସି-ଜଜେସ୍ ଓଥ୍

ଭାରତର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଆଜି ସୁପ୍ରିମକୋର୍ଟର ୫ଜଣ ନୂତନ ବିଚାରପତିଙ୍କୁ ଶପଥପାଠ କରାଇଛନ୍ତି । ବିଚାରପତି ଶୀଲ୍ ନାଗୁ, ଶ୍ରୀ ଚନ୍ଦ୍ରଶେଖର, ସଞ୍ଜୀବ ସଚଦେବ ଏବଂ ଅରୁଣ ପଲ୍ଲୀଙ୍କ ସମେତ ବରିଷ୍ଠ ଆଇନ୍‌ଜୀବୀ ଭି ମୋହନା ଆଜି ସୁପ୍ରିମକୋର୍ଟରେ ବିଚାରପତି ଭାବେ ଶପଥଗ୍ରହଣ କରିଛନ୍ତି ।

ଗତ ମେ' ୨୨ ତାରିଖ ଏବଂ ୨୭ ତାରିଖରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏମାନଙ୍କ ନାମ ସୁପାରିଶ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥିଲା । ଗତକାଲି କେନ୍ଦ୍ର ସରକାର କଲେଜିୟମର ସୁପାରିଶକୁ ଅନୁମୋଦନ ଦେଇଥିଲେ ।
ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଆଇନ୍ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ନୂତନ ବିଚାରପତିଙ୍କ ନିଯୁକ୍ତି ଓ ଶପଥଗ୍ରହଣ

ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହି ନୂତନ ବିଚାରପତିଙ୍କ ଶପଥଗ୍ରହଣ ପରେ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧିପାଇଛି । ପ୍ରଧାନ ବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟାକୁ ୩୪ରୁ ୩୮କୁ ବୃଦ୍ଧି କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧନ ଅଧ୍ୟାଦେଶ ୨୦୨୬ ଘୋଷଣା କରିବାର କିଛି ସପ୍ତାହ ପରେ ଆଜି ୫ ନୂଆ ବିଚାରପତି ଶପଥ ନେଇଛନ୍ତି ।

## ହେଲ୍‌ଥ ମିନିଷ୍ଟ୍ରି-ଇବୋଲା

ଦେଶରେ ଏପର୍ଯ୍ୟନ୍ତ ଇବୋଲା ଜୀବାଣୁ ସଂକ୍ରମଣଜନିତ କୌଣସି ମାମଲା ରିପୋର୍ଟ ହୋଇନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଇବୋଲା ପ୍ରଭାବିତ ଦେଶରୁ ଯଦି କୌଣସି ବ୍ୟକ୍ତି ଗତ ୨୧ ଦିନ ମଧ୍ୟରେ ଯାତ୍ରା କରିଛନ୍ତି କିମ୍ବା ସଂକ୍ରମଣର ଶିକାର ହୋଇଛନ୍ତି ଏବଂ ତାଙ୍କଠାରେ ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ତରଳ ଝାଡ଼ା, ରକ୍ତସ୍ରାବ ଭଳି ଲକ୍ଷଣ ଦେଖାଗଲେ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଅଲଗା ରଖିବା ସହ ତୁରନ୍ତ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାପାଇଁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଏଥିସହିତ ମନ୍ତ୍ରଣାଳୟ ପକ୍ଷରୁ ଜାରି ମାର୍ଗଦର୍ଶିକା ଅବଲମ୍ବନ କରିବା ସହ ଆବଶ୍ୟକ ସହାୟତା ପାଇଁ ହେଲ୍‌ପ ଲାଇନ୍ ନମ୍ବର ୧୦୭୫କୁ କଲ୍ କରିବା ପାଇଁ ମନ୍ତ୍ରଣାଳୟ ନାଗରିକମାନଙ୍କୁ ଅନୁରୋଧ କରିଛି ।

## ମେଡ଼ିକାଲ ଆସିଷ୍ଟାନ୍ସ ଇବୋଲା

ଭାରତ ଆଜି ଆଫ୍ରିକା ରୋଗ ନିୟନ୍ତ୍ରଣ ଓ ନିରାକରଣ ସଂସ୍ଥା ସିଡିସିକୁ ଦ୍ୱିତୀୟ ପର୍ଯ୍ୟାୟ ମେଡ଼ିକାଲ ସହାୟତା ପଠାଇଛି । ଏହି ମେଡ଼ିକାଲ ସହାୟତାରେ ପ୍ରୋଟେକ୍ଟିଭ୍ ଗିୟର ରୋଗ ଚିହ୍ନଟ ଓ ନିରୀକ୍ଷଣ ଉପକରଣ

ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପଠାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଇବୋଲା ସଂକ୍ରମଣ ନିୟନ୍ତ୍ରଣ  ପାଇଁ ପ୍ରାୟ ୪୩ଟନ୍‌ର ବିଭିନ୍ନ ମେଡ଼ିକାଲ ସାମଗ୍ରୀ ପଠାଯାଇଛି । ପୂର୍ବରୁ ଗତମାସ ୨୪ତାରିଖରେ ଭାରତ ପ୍ରଥମ ପର୍ଯ୍ୟାୟରେ ମେଡ଼ିକାଲ ସହାୟତା ପଠାଇଥିଲା । ସେହିପରି ଗତ ମାସ ୨୯ ତାରିଖରେ ଭାରତ ଇବୋଲା ସଂକ୍ରମଣ ନିୟନ୍ତ୍ରଣ ପାଇଁ ଯଥାସମ୍ଭବ ମେଡ଼ିକାଲ ସହାୟତା ଯୋଗାଇ ଦେବାଲାଗି କହିଥିଲା ।

## ଜୟଶଙ୍କର-ସାଉଥ୍ ଆଫ୍ରିକା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ଦକ୍ଷିଣ ଆଫ୍ରିକାର ଉପରାଷ୍ଟ୍ରପତି ପଲ୍ ମାଶାଟାଇଲ୍‌ଙ୍କୁ ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଜୟଶଙ୍କର ଉଲ୍ଲେଖ କରିଛନ୍ତି, ଏହି ସାକ୍ଷାତ୍ ସମୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଏମ୍‌ଏସ୍‌ଏମ୍‌ଇ, ଡିଜିଟାଲ ଏବଂ ଭିତ୍ତିଭୂମି କ୍ଷେତ୍ରରେ ସୁଯୋଗ ବିଷୟରେ ଆଲୋଚନା ହୋଇଛି । ଦୁଇଦେଶ ମଧ୍ୟରେ ଦୀର୍ଘକାଳୀନ ଭାଗିଦାରୀକୁ ସୁଦୃଢ଼ କରିବା ଲାଗି ମାଶାଟାଇଲଙ୍କ ପ୍ରତିବଦ୍ଧତାକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଥିଲେ । ଭାରତ ଏବଂ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ମଞ୍ଚରେ ବନ୍ଧୁତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟକରିବା ଉଚିତ୍ ବୋଲି ଉଭୟପକ୍ଷ ଆଲୋଚନା କାଳରେ ସହମତି ପ୍ରକାଶ କରିଛନ୍ତି ।

## ହୋମ୍-ଇଭିଗ୍ରେସନ୍ ରୁଲ

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରବାସନ ଏବଂ ବିଦେଶୀ ସଂଶୋଧନ ଅଧିନିୟମ ୨୦୨୬ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଥିରେ ପଞ୍ଜିକରଣ ସମୟସୀମା ଏବଂ ପ୍ରବାସନ ନିୟମ ଅନ୍ତର୍ଗତ ଅପିଲ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ

ପରିବର୍ତ୍ତନ କରାଯାଇଛି । ପୂର୍ବରୁ ଭାରତରେ ପହଞ୍ଚିବାର ୧୮୦ ଦିନର ଅବଧି ଶେଷ ହେବା ପରେ ୧୪ ଦିନ ମଧ୍ୟରେ ପଞ୍ଜିକରଣ ଶେଷ କରିବାକୁ ପଡୁଥିବାବେଳେ ସଂଶୋଧନ ପରେ ୧୮୦ ଦିନ ଶେଷ ହେବା ପୂର୍ବରୁ ପଞ୍ଜିକରଣ କରିବାକୁ ପଡିବ । ତେବେ ସଂଶୋଧିତ ନିୟମରେ ଜରୁରୀକାଳୀନ ପରିସ୍ଥିତିରେ ପଞ୍ଜିକରଣ ପାଇଁ ବିଳମ୍ବ ଦେୟ ଦାଖଲ ପାଇଁ ଅନୁମତି ଦେବା ବ୍ୟବସ୍ଥା ରହିଛି ।

## ସିବିଏସ୍‌ଇ ପୋର୍ଟାଲ ଲାଇଭ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସିବିଏସ୍‌ଇ ପକ୍ଷରୁ ଉତ୍ତର ପୁସ୍ତିକାର ସ୍କାନ୍ କପି ପ୍ରଦାନ ଏବଂ ପୁନଃ ମୂଲ୍ୟାୟନ ନିମନ୍ତେ ଆଜିଠାରୁ ପୋର୍ଟାଲ ଖୋଲାଯାଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପୋର୍ଟାଲ ଖୋଲାରହିବ । ମୂଲ୍ୟାୟନ ହୋଇଥିବା ଉତ୍ତର ପତ୍ରର ଯେଉଁମାନେ ସ୍କାନ୍ କପି ପାଇଛନ୍ତି ସେହି ଛାତ୍ରଛାତ୍ରୀମାନେ ପୋର୍ଟାଲ ବ୍ୟବହାର କରିପାରିବେ । ସୁରକ୍ଷା ଦୃଷ୍ଟିରୁ ପୋର୍ଟାଲ ବ୍ୟବହାର ଲାଗି ଆଧାର ପ୍ରମାଣିକରଣ ବ୍ୟବସ୍ଥା କରାଯାଇଛି । ଯେଉଁ ଛାତ୍ରଛାତ୍ରୀମାନଙ୍କର ଆଧାର ନ ଥିବ ସେ କ୍ଷେତ୍ରରେ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ଆଧାର ସୂଚନା ବ୍ୟବହାର କରାଯାଇପାରିବ ।

ସିବିଏସ୍‌ଇ ଅନୁଯାୟୀ ସ୍କାନ୍ କରାଯାଇଥିବା ଉତ୍ତରଖାତାର ଯାଞ୍ଚ ପାଇଁ ପେପର ପିଛା ୧୦୦ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି । ସେହିପରି ପ୍ରତ୍ୟେକ ପ୍ରଶ୍ନର ଉତ୍ତରର ପୁନଃ ମୂଲ୍ୟାୟନ ପାଇ ୨୫ ଟଙ୍କା ଦେବାକୁ ପଡିବ । ଅନ୍‌ଲାଇନ୍ ମାଧ୍ୟମରେ ଦେୟ ପ୍ରଦାନ କରାଯାଇ ପାରିବ ।

ତେବେ ପୋର୍ଟାଲ ବ୍ୟବହାର କରିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସିବିଏସ୍ଇ ଦ୍ୱାରା ପ୍ରଦତ୍ତ ଭିଡ଼ିଓ ଦେଖିବା ଲାଗି ପରାମର୍ଶ ଦିଆଯାଇଛି ।

## ତେଲଙ୍ଗାନା-ପ୍ରତିଷ୍ଠା ଦିବସ

ତେଲଙ୍ଗାନା ରାଜ୍ୟ ପ୍ରତିଷ୍ଠା ଦିବସରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାକାର ଅଧିବାସୀମାନଙ୍କୁ ଶୁଭଚ୍ଛୋ ଜଣାଇଛନ୍ତି । ରାଷ୍ଟ୍ରପତି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତେଲଙ୍ଗାନା ବାସୀଙ୍କୁ ପରିଶ୍ରମୀ ବୋଲି ବର୍ଣ୍ଣନା କରିବା ସହ ବିଗତ ବର୍ଷ ଗୁଡ଼ିକରେ ଏହାର ଦ୍ରୁତ ବିକାଶ ହୋଇଥିବା କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତେଲଙ୍ଗାନାର ସାଂସ୍କୃତିକ ଐତିହ୍ୟକୁ ପ୍ରଶଂସା କରି ସେଠାକାର ଲୋକମାନଙ୍କ ନବସୃଜନ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ତେଲଙ୍ଗାନା ବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ତେଲଙ୍ଗାନାର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି । ତେଲଙ୍ଗାନାର ବିକାଶ ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମ୍ୟାଁମାର ପ୍ରେସିଡେଣ୍ଟ ମୁମ୍ବାଇ

୪ ଦିନିଆ ଭାରତ ଗସ୍ତରେ ଆସିଥିବା ମ୍ୟାଁମାର ରାଷ୍ଟ୍ରପତି ୟୁ ମି ଅଙ୍ଗ ହ୍ଲାଇଙ୍ଗ ଆଜି ମୁମ୍ବାଇରେ ପହଞ୍ଚିଛନ୍ତି । ଛତ୍ରପତି ଶିବାଜୀ ମହାରାଜ ଆନ୍ତର୍ଜାତିକ ବିମାନ ବନ୍ଦରରେ ମହାରାଷ୍ଟ୍ର ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ଏବଂ ମନ୍ତ୍ରୀ ଜୟକୁମାର ରାଓ୍ୱଲ' ମ୍ୟାଁମାର ରାଷ୍ଟ୍ରପତିଙ୍କୁ ସ୍ୱାଗତ

କରିଥିଲେ । ସୂଚନା ଅନୁଯାୟୀ ରାଷ୍ଟ୍ରପତି ହ୍ଲାଇଙ୍ଗ ମୁମ୍ବାଇରେ ଆଜି ବ୍ୟବସାୟିକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ । ସେ ମୁମ୍ବାଇର କେତେକ ପ୍ରମୁଖ ସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସଂଧ୍ୟାରେ ମ୍ୟାଁମାର ରାଷ୍ଟ୍ରପତି ମହାରାଷ୍ଟ୍ର ଲୋକଭବନରେ ତାଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଉପସ୍ଥିତ ରହିବେ ।

## ନ୍ୟାସନାଲ ପଞ୍ଚାୟତ ଆୱାର୍ଡ

ନୂଆଦିଲ୍ଲୀରେ ଆସନ୍ତାକାଲି ୨୦୨୫ ମସିହା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ଦେଶର ୪୨ଟି ପଞ୍ଚାୟତକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ । ସମାରୋହରେ ୩୪ଟି ଗ୍ରାମପଞ୍ଚାୟତକୁ ଦୀନ୍‌ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଏବଂ ୮ଟି ପଞ୍ଚାୟତକୁ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ପୁରସ୍କୃତ କରାଯିବ । ପୁରସ୍କାର ପାଇବାକୁ ଥିବା ପଞ୍ଚାୟତଗୁଡ଼ିକର ମୁଖ୍ୟମାନେ ସେମାନଙ୍କ ପଞ୍ଚାୟତର ସର୍ବୋତ୍ତମ କାର୍ଯ୍ୟ ବିଷୟରେ ସମାରୋହରେ ଉପସ୍ଥାପନ କରିବେ ।

## ନେପାଳ ଡେଲିଗେସନ

ନେପାଳର ଶାସକ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ଅଧ୍ୟକ୍ଷ ରବି ଲାମିଛାନେ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଭେଟିଛନ୍ତି । ଗସ୍ତ ସମୟରେ ଏହି ପ୍ରତିନିଧି ଦଳ ବିଜେପିର ଅନ୍ୟ ବରିଷ୍ଠ ନେତାମାନଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ

ରହିଛି । ଆର୍‌ଏସ୍‌ପି ଏବଂ ବିଜେପି ମଧ୍ୟରେ ସୁ-ସମ୍ପର୍କ, ସାଂଗଠନିକ ଅଭ୍ୟାସ, ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ଜନକୈନ୍ଦ୍ରିକ ରାଜନୈତିକ ରଣନୀତିର ପ୍ରସାର ଉପରେ ମତବିନିମୟ ପାଇଁ ଏହି ଗସ୍ତର ଲକ୍ଷ୍ୟ ରହିଛି ।

## ମୁମ୍ବାଇ ସିବିଆଇ ଆରେଷ୍ଟ

ବହୁ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ସିବିଆଇ ଦ୍ୱାରା ଗିରଫ ରିଲାଏନ୍ସ କମ୍ୟୁନିକେଶନ ଗ୍ରୁପ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଅମିତା ଝୁନ୍‌ଝୁନ୍‌ୱାଲାଙ୍କୁ ମୁମ୍ବାଇର ଆର୍ଥରରୋଡ଼ ଜେଲ୍‌କୁ ପଠାଇ ଦିଆଯାଇଛି ।

ପୂର୍ବରୁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ତଦନ୍ତ କରାଯାଉଥିବା ଏକ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ତିହାର ଜେଲ୍‌ରେ ନ୍ୟାୟିକ ହେପାଜତରେ ଥିଲେ । ମୁମ୍ବାଇର ଏକ ଅଦାଲତ ତାଙ୍କୁ ଗିରଫ କରିବା ପାଇଁ ସିବିଆଇକୁ ଅନୁମତି ଦେଇଥିଲେ । ସିବିଆଇ ଅଭିଯୋଗ କରିଛି ଯେ ଶ୍ରୀ ଝୁନ୍‌ଝୁନ୍‌ୱାଲାଙ୍କ ନିର୍ଦ୍ଦେଶରେ ବ୍ୟାଙ୍କ ଋଣ ପାଣ୍ଠିର ଅପବ୍ୟବହାର କରାଯାଇଥିଲା । ଯାହାଫଳରେ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ କ୍ଷତିର ସମ୍ମୁଖୀନ ହୋଇଥିଲେ । ଏହି ମାମଲାରେ ଏସ୍‌ବିଆଇରୁ ୧୨ଶହ କୋଟି ଟଙ୍କାର ଋଣ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ୫ଶହ କୋଟି ଟଙ୍କାର ଋଣ ପତ୍ର ଏବଂ ସିଣ୍ଡିକେଟ୍ ବ୍ୟାଙ୍କରୁ ୩୫୦ କୋଟି ଟଙ୍କାର ଋଣ ଉଠାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ସିବିଆଇ ଏହି ମାମଲାରେ ୧୬ଜଣ ବ୍ୟକ୍ତି ଏବଂ ସଂସ୍ଥାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିସାରିଛି ।

# ୱିମେନ୍ କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଆଜି ଭାରତୀୟ ସମୟ ସଂଧ୍ୟା ୫ଟା ୩୦ ମିନିଟ୍‌ରେ ଇଂଲଣ୍ଡର କୁପର ଆସୋସିଏଟ୍ସ କାଉଣ୍ଟିଂ ଗ୍ରାଉଣ୍ଡରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟି୨୦ ଆନ୍ତର୍ଜାତିକ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୩୮ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା ।

# ଆଇଏମ୍‌ଡି ୱେଦର

ଭାରତୀୟ ପାଣିପାଗ ବିଭାଗ ଝଡ଼ବର୍ଷା ନେଇ ଓଡ଼ିଶା ସମେତ ରାଜସ୍ଥାନ, ଗୁଜୁରାଟ, ପଶ୍ଚିମ ମଧ୍ୟପ୍ରଦେଶ ଓ ଉପକୂଳ ଆନ୍ଧ୍ରପ୍ରଦେଶକୁ ସତର୍କତା ଜାରି କରିଛି । ବିଭାଗ ପକ୍ଷରୁ ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଗରମ ଓ ଗୁଳଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛି ।